ଧରିତ୍ରୀ
DHARITRI
ମଙ୍ଗଳବାର, ୨୯ ଅକ୍ଟୋବର, ୨୦୧୯



## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ହାଇକୋର୍ଟ ବେଞ୍ଚ ପାଇଁ ଦାବିପତ୍ର ପ୍ରଦାନ। ସ୍ଥାନ-ଆର୍‌ଡିସିଙ୍କ କାର୍ଯ୍ୟାଳୟ। ସମୟ-ପୂର୍ବାହ୍ନ ୧୧ଟା ।
- ବୃନ୍ଦାବନ ନାୟକଙ୍କ ଜୟନ୍ତୀ ।
- ସ୍ଥାନ-ଟାଉନ୍‌ହଲ୍ । ସମୟ-ସନ୍ଧ୍ୟା ୬ଟା ।

## ଭିନ୍ନକ୍ଷମଙ୍କୁ ମିଳୁନି ଘର



**ବ୍ରହ୍ମପୁର ଅଫିସ୍,୨୮।୧୦:** ଭିନ୍ନକ୍ଷମ କାହ୍ନା ମହାପାତ୍ର ଗତ କିଛି ମାସ ହେଲା ନିଜ ପାଇଁ ଘର ନିର୍ମାଣ କରିବାକୁ ସରକାରଙ୍କ ବିଭିନ୍ନ ବିଭାଗର ଦ୍ୱାରସ୍ଥ ହୋଇ ସାରିଲେଣି। ହେଲେ ତାଙ୍କୁ ଘର ମିଳୁନି । ସୋମବାର ଏନେଇ ସେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି । ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଟିଉସନ୍ କରି ଗୁଜୁରାଣ ମେଣ୍ଟାଉଛନ୍ତି। ନିଜ ଚିକିତ୍ସା ପାଇଁ ମଧ୍ୟ ପାଖରେ ପଇସା ନାହିଁ । ବାପାଙ୍କ ଉପରେ ସେ ନିର୍ଭର କରୁଥିଲେ। ହେଲେ ଏବେ ବାପା ମଧ ଆଉ କାମ କରିପାରୁ ନାହାନ୍ତି। ଘର ଚଳାଇବା କଷ୍ଟ ହୋଇ ପଡ଼ିଲାଣି। ଭଡ଼ା ଘରେ ରହୁଥିବା ଯୋଗୁ ଭଡ଼ା ଟଙ୍କା ଦେବା ସମ୍ଭବ ହେଉନାହିଁ । ପୂର୍ବରୁ ସେ ଏ ସମ୍ପର୍କରେ ଭିନ୍ନକ୍ଷମ କମିଶନର ଓ ବିଭାଗୀୟ ମନ୍ତ୍ରୀଙ୍କ ପାଖରେ ଦାବି ଜଣାଇଥିଲେ ମଧ୍ୟ ସୁଫଳ ମିଳିନି । ତୁରନ୍ତ ଘର ଖଣ୍ଡିଏ ସରକାରୀ ଯୋଜନାରେ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି ।

## ଡ୍ରେନେଜ୍ ଡିଭିଜନ ଦୁର୍ନୀତିର ତଦନ୍ତ ଦାବି

# ଭିଜିଲାନ୍ସ ଅଫିସ ଘେରାଉ କରିବ ଭାଜପା

- ପଦାରେ ପଡ଼ିଛି ବ୍ରହ୍ମପୁର ବିକାଶର ନଗ୍ନଚିତ୍ର
- ୪ରେ ଆନ୍ଦୋଳନ ଚେତାବନୀ

**ବ୍ରହ୍ମପୁର ଅଫିସ,୨୮।୧୦**

ରେଶମ ନଗରୀ ପରିମଳ ବ୍ୟବସ୍ଥାରେ ବ୍ରହ୍ମପୁରର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ଥିବା ବାହାନା ଓ ସାପୁଆ ନାଳ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଦୁଇ ନାଳ ନିୟମିତ ସଫା ହେଉ ନ ଥିବା ଏବଂ ପୁନରୁଦ୍ଧାର କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁ ବର୍ଷା ହେବା ମାତ୍ରେ ପାଣି ନିଷ୍କାସନ ହୋଇ ନ ପାରି ଅନେକ ଅଞ୍ଚଳ ଜଳମଗ୍ନ ସହ ବିଭିନ୍ନ ସମୟରେ ନାଳ ପାଣି ଘର ଭିତରେ ପଶି ସମସ୍ୟା ସୃଷ୍ଟି କରୁଛି। ବ୍ରହ୍ମପୁର ଡ୍ରେନେଜ୍ ଡିଭିଜନକୁ ଏହାର ପୁନଃ ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ଅପରପକ୍ଷରେ ଏହି କାର୍ଯ୍ୟ ପାଇଁ ବହୁ କୋଟି ଟଙ୍କା ସମ୍ପୃକ୍ତ ଡିଭିଜନକୁ ମଞ୍ଜୁର ହୋଇଛି। ତେବେ ଠିକଣା ଭାବରେ ବିନିଯୋଗ ନ ହୋଇ ବହୁ ଟଙ୍କା ହେରଫେର ହୋଇଥିବା ଗଞ୍ଜାମ ଜିଲା ଭାଜପା ପକ୍ଷରୁ ସଙ୍ଗିନ ଅଭିଯୋଗ କରାଯାଇଛି । ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ତ୍ୱରିତ ପଦକ୍ଷେପ ନିଆ ନ ଗଲେ ପ୍ରତିବାଦରେ ଆସନ୍ତା ୪ରେ ଭିଜିଲାନ୍ସ ଅଫିସ ଘେରାଉ ସହ ବିକ୍ଷୋଭ କରାଯିବାକୁ ଚେତାବନୀ ଦିଆଯାଇଛି ।

ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ସୋମବାର ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଗତ ସପ୍ତାହର ଲଘୁଚାପ ବର୍ଷାରେ ବାହାନା ଓ ସାପୁଆ ନାଳ ପାଣି ଗଜପତି ଓ ଜୟପ୍ରକାଶ ନଗର ସମେତ ଉତ୍ତରପଟରେ ଥିବା ଅନେକ ଖାଲୁଆ ଅଞ୍ଚଳ ବସ୍ତିରେ ପଶି ଯାଇଥିଲା। ସେହିପରି ଗାନ୍ଧୀନଗର ଓ ଅନ୍ୟ ଅଞ୍ଚଳବାସୀଙ୍କୁ ଜଳବନ୍ଦୀ କରି ଦେଇଥିଲା। ଗେଟ ବଜାର ନିକଟ ୫ନଂ. ୱାର୍ଡର କେତେକ ଅଞ୍ଚଳରେ ବାହାନା ନାଳ ଧସିଯାଇ ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା। ନାଳ ପାର୍ଶ୍ୱରେ ଥିବା କେତେକ କୋଠାଘର କାନ୍ଥ ଭାଙ୍ଗିଯାଇଥିଲା। ବାହାନା ନାଳର ପୁନଃ ନିର୍ମାଣ ପାଇଁ ଭାଜପା ଦାବି କରିଛି। ଇଞ୍ଜିନିୟରିଂ ସ୍କୁଲ ଛକରୁ ମେଡିକାଲ ଛକ ଯାଏ ରାସ୍ତା ଉପରେ ହ୍ରଦ ସୃଷ୍ଟି ହୋଇ ଗୁରୁତର ସମସ୍ୟା ଉପୁଜିଥିଲା। ଏହା ସହିତ ଲଗାଣ ବର୍ଷାରେ ଜିଲାର ବିଭିନ୍ନ ଅଞ୍ଚଳରେ ଚାଷ ଜମିରେ ଆଣ୍ଠୁଏ ପାଣି ଭର୍ତ୍ତି ହୋଇ ଧାନର ବ୍ୟାପକ କ୍ଷତି ହୋଇଛି। ଫଳରେ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ ଏବଂ କ୍ଷତିଗ୍ରସ୍ତ ଜିଲା ଭାବେ ସରକାର ଘୋଷଣା ପାଇଁ ଦାବି କରାଯାଇଛି ।

ବ୍ରହ୍ମପୁର ବିକାଶ ମୋର ଦାୟିତ୍ୱ ବୋଲି ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀ ଏଠାରେ ଘୋଷଣା କରିଛନ୍ତି । ଏବେ ଶାସକ ଦଳର ଚାଲିଥିବା ଜନ ସମ୍ପର୍କ ପଦଯାତ୍ରା ବେଳେ ନେତା ଓ କର୍ମୀ ତାହା ଦୋହରାଉଛନ୍ତି । ତେବେ କେବଳ ବର୍ଷା ବିପ୍ରାତ ନୁହେଁ, ଅନ୍ୟ ସମୟରେ ମଧ ବ୍ରହ୍ମପୁର ରାସ୍ତାଘାଟ ଓ ଡ୍ରେନ୍‌ଗୁଡ଼ିକ ଦୀର୍ଘଦିନରୁ ଶୋଚନୀୟ ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଯାନବାହନ ଓ ଲୋକଙ୍କ ଯାତାୟାତ ବିପଜ୍ଜନକ ହୋଇଥିବାରୁ ବ୍ରହ୍ମପୁର ବିକାଶର ନଗ୍ନ ଚିତ୍ର ପଦାରେ ପଡ଼ିଥିବା ଭାଜପା ପକ୍ଷରୁ ତାଚ୍ଛଲ୍ୟ କରାଯାଇଛି ।

## ମହାନଗର ପୁସ୍ତକମେଳା ପୁରସ୍କାର ଘୋଷିତ

# ଗୌର ପଟ୍ଟନାୟକଙ୍କୁ 'ପୁସ୍ତକମେଳା ସର୍ବୋଚ୍ଚ ସମ୍ମାନ'



ବୈଠକରେ ଉପସ୍ଥିତ କମିଟିର କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୨୮।୧୦**

**ପ୍ରାବନ୍ଧିକ ଚନ୍ଦ୍ର ଶେଖର ହୋତାଙ୍କୁ ପ୍ରବନ୍ଧ ସମ୍ମାନ**

ଗଞ୍ଜାମ ଜିଲା ପୁସ୍ତକମେଳା କମିଟି ପକ୍ଷରୁ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ନଭେମ୍ବର ୮ ରୁ ୯ ଦିନ ବ୍ୟାପୀ ମହାନଗର ପୁସ୍ତକ ମେଳା ଅନୁଷ୍ଠିତ ହେବ । ଏହି ଅବସରରେ କମିଟି ପକ୍ଷରୁ ପ୍ରଦାନ କରାଯାଉଥିବା ପୁସ୍ତକମେଳା ପୁରସ୍କାର ପାଇଁ କବି ତଥା ଲେଖକଙ୍କ ନାମ ଚୂଡାନ୍ତ ହୋଇଛି । ଏନେଇ ରବିବାର ଅନୁଷ୍ଠିତ କମିଟି ପ୍ରସ୍ତୁତି ବୈଠକରେ ସଭାପତି କବି ସୁଶାନ୍ତ ଦାଶ ଘୋଷଣା କରିଛନ୍ତି। ଚଳିତ ବର୍ଷ ପୁସ୍ତକମେଳା ସର୍ବୋଚ୍ଚ ସମ୍ମାନ ବରିଷ୍ଠ ସାହିତ୍ୟିକ ତଥା ଗୀତିକବି ଗୌର ପଟ୍ଟନାୟକଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ କବି ଧନଞ୍ଜୟ ସ୍ୱାଇଁଙ୍କୁ କବିତା ସମ୍ମାନ, ଗାଳ୍ପିକ ରାଜ୍ୟ ବର୍ଦ୍ଧନ ଧଳ ମହାପାତ୍ରଙ୍କୁ ଗଳ୍ପ ସମ୍ମାନ, ପ୍ରାବନ୍ଧିକ ଚନ୍ଦ୍ର ଶେଖର ହୋତାଙ୍କୁ ପ୍ରବନ୍ଧ ସମ୍ମାନ ପ୍ରଦାନ କରାଯିବା ନେଇ ସଭାପତି ସୂଚନା ଦେଇଛନ୍ତି । ସେହିପରି ଗୀତିକବି ମନୋଜ ପଟ୍ଟନାୟକଙ୍କୁ ପୁସ୍ତକମେଳା ଗୀତିକବି ସମ୍ମାନ, ଗାଳ୍ପିକ ଡା. ଦିଲୀପ କୁମାର ବେହେରାଙ୍କୁ ପୁସ୍ତକମେଳା ଯୁବ ପ୍ରତିଭା ସମ୍ମାନ, ସରୋଜ କୁମାର ନନ୍ଦଙ୍କୁ ଭଞ୍ଜ ସାହିତ୍ୟ ସମ୍ମାନ, ନାଟ୍ୟଶ୍ରୀ ସୁଦାମ ବିଷୋୟୀଙ୍କୁ ନାଟ୍ୟ ସଂସ୍କୃତି ସମ୍ମାନ, ଛତ୍ରପୁର ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳା ହୋତାଙ୍କୁ ଶିକ୍ଷା ସେବା ସମ୍ମାନ, ସୁଦୀପ ସାହୁ ଓ ଅନୁରାଧା ସାହୁଙ୍କୁ ପୁସ୍ତକମେଳା ସଙ୍ଗୀତ ସମ୍ମାନ ପ୍ରଦାନ କରାଯିବା ନେଇ ବୈଠକରେ ସୂଚାଯାଇଥିଲା। ତେବେ ପୁସ୍ତକମେଳା ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏଥିରେ ଓଡିଶା ତଥା ଓଡିଶା ବାହାରୁ ବହୁ ପୁସ୍ତକ ପ୍ରକାଶକ ଓ ବିକ୍ରେତା ଯୋଗଦେବା ନେଇ ସମ୍ମତି ପ୍ରକାଶ କରିଥିବା ସଭାପତି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମିଟି ସମ୍ପାଦକ ଅଜିତ କୁମାର ସାବତଙ୍କ ସମେତ କପିଳ ଚନ୍ଦ୍ର ମହାନ୍ତି, ଦୀପ୍ତିମିତା ମହାପାତ୍ର, ସୁଧାଞ୍ଜଳି ମିଶ୍ର, ନରେଶ କୁମାର ବେହେରା, ସତ୍ୟମ ଆଚରୀ, ବାଲ୍ମୀକି ମହାପାତ୍ର, ବିକାଶ ରଞ୍ଜନ ପାତ୍ର, ନୀହାର ରଞ୍ଜନ ଦାଶ ଓ ସପ୍ତମିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ଶୋଚନୀୟ ରାସ୍ତା ମରାମତି ଦାବି



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

**ବ୍ରହ୍ମପୁର ଅଫିସ୍,୨୮।୧୦**

ବ୍ରହ୍ମପୁର ସହର ଉପକଣ୍ଠ ତଥା କୁକୁଡ଼ାଖଣ୍ଡି ବ୍ଲକ ଆଙ୍କୁଶପୁର ଛକରୁ ପ୍ରତାପକୃଷ୍ଣଚନ୍ଦ୍ରପୁର ଭାୟା ମଶିଆଖାଲି ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ପ୍ରାୟ ସାଢ଼େ ୩ କି.ମି. ରାସ୍ତାରେ ଯାନବାହନ ଏପରିକି ଚାଲି ଚାଲି ଯିବା ମଧ୍ୟ କଷ୍ଟ ହେଉଛି। ଏନେଇ ଆର୍‌ଡି ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ଶେଷରେ ସୋମବାର ଗ୍ରାମବାସୀ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରାସ୍ତା ମରାମତି ତୁରନ୍ତ କରିବାକୁ ଦାବି ରଖିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ହେଲା, ଆଙ୍କୁଶପୁର ଜାତୀୟ ରାଜପଥ ଛକରୁ ପ୍ରତାପକୃଷ୍ଣଚନ୍ଦ୍ରପୁର ଭାୟା ମଶିଆଖାଲି ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ରାସ୍ତା ବୋରିଗାଁ ଦେଇ ଗେଟ୍‌ବଜାରକୁ ସଂଯୋଗ କରୁଥିବାରୁ ଦୈନିକ ବହୁ ସଂଖ୍ୟାରେ ଯାନବାହନ ଯାତାୟାତ କରୁଛି। ହଜାର ହଜାର ଲୋକ ଏହା ଉପରେ ନିର୍ଭର କରୁଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୨୦୦୪ ମେ' ୧୪ତାରିଖରେ ରାସ୍ତା ନିର୍ମାଣ କରାଯାଇଥିଲା। ଦୀର୍ଘ ୧୫ବର୍ଷ ବିତିଯାଇ ଥିଲେ ମଧ ଏହା ମରାମତି କରାଯାଉନାହିଁ, ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ରାସ୍ତା କଡ଼ରେ ବିଦ୍ୟୁତ୍ ବିଭାଗ ଗୋଦାମ୍ ଓମ୍‌ଫେଡ୍ ଫ୍ୟାକ୍ଟ୍ରି ଏବଂ ଏକ ଦମକଳ କେନ୍ଦ୍ର ମଧ ରହିଛି। ଅତ୍ୟଧିକ ବ୍ୟବହାର ଯୋଗୁ ରାସ୍ତା ସାରା ଖାଲ ଖମାରେ ଭର୍ତ୍ତି ହୋଇଛି। ଆମ୍ବୁଲାନ୍ସ ମଧ୍ୟ ଠିକ୍ ଭାବେ ଯାଇପାରୁ ନାହିଁ। ବାଇକ୍ ଚାଳକମାନେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ପ୍ରାଣ ହରାଉଥିବାର ଦୃଷ୍ଟାନ୍ତ ରହିଛି। ଏହାକୁ ନେଇ ପୂର୍ବରୁ ବହୁଥର ଆନ୍ଦୋଳନ ମଧ୍ୟ କରାଯାଇଛି । ହେଲେ ଫଳ ଶୂନ। ତୁରନ୍ତ ଏହି ରାସ୍ତା ମରାମତି ଦିଗରେ ପଦକ୍ଷେପ ନେବାକୁ ମଶିଆଖାଲି ସରପଞ୍ଚ ସଜନୀ ମହାରଣା, ସମିତି ସଭ୍ୟ ନରସିଂହ ସାହୁ, ନାଏବ ସରପଞ୍ଚ ଜାରା ପ୍ରଧାନ, ଗ୍ରାମବାସୀ ଶିବରାମ ମହାରଣା, ଗୌତମ ମହାରଣା, ଶଙ୍କର ସାହୁ, ଜେ.ଶ୍ରୀନୁ ଆଚାରୀ, ଅଜୟ କୁମାର ସାହୁ, ସନ୍ତୋଷ ଲେଙ୍କା, କେ.ଲକ୍ଷ୍ମୀ ନାରାୟଣ, ସୁଦାମ ପାତ୍ର, ସନ୍ତୋଷ କୁମାର ସାହୁ, ଏନ୍.ଧନୁର୍ଦ୍ଧର, ବଳରାମ ମହାରଣା, ଶଙ୍କର ମହାରଣା, ନାରାୟଣ ପ୍ରଧାନ, ପ୍ରଭାତ ମହାରଣାଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି । ଦାବିପତ୍ର ଗ୍ରହଣ କରିବା ପରେ ବିଭାଗୀୟ ଅଧିକାରୀ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ଜିଲାପାଳ କୁଲାଙ୍ଗେ ପ୍ରତିଶ୍ରୁତି ଦେଇଥିଲେ ।

## ବିଷ ପିଇ ଛାତ୍ରୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୮।୧୦**

ଜଣେ ଯୁବକଙ୍କ ବାଇକ୍‌ରେ ବସି ଯାଉଥିବା ବେଳେ ବିଷପାନ କରି ଜନୈକା ଯୁକ୍ତ ୩ ଛାତ୍ରୀଙ୍କର ସୋମବାର ସକାଳେ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ ପୁଷ୍ପଲତା ଶବର (୧୯)। ତାଙ୍କ ଘର ରାୟଗଡା ଜିଲା ପଦ୍ମପୁର ଥାନା ନାରାୟଣଗୁଡାର। ପୋଲିସ ମୃତଦେହ ଜବତ କରି ନଂ.୫୬୮/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

ପୁଷ୍ପଲତା ରବିବାର ଗୁମୁଡ଼ା ଯାଇଥିଲେ। ସନ୍ଧ୍ୟାରେ ତାଙ୍କର ଜଣେ ପୁରୁଷ ବନ୍ଧୁ ଅକ୍ଷୟ ଶବରଙ୍କୁ ବାଇକ୍‌ରେ ନେଇ ନାରାୟଣଗୁଡାରେ ଛାଡ଼ିଦେବାକୁ କହିଥିଲେ। ସେ ଅକ୍ଷୟଙ୍କ ବାଇକ୍‌ରେ ଯାଉଥିବା ବେଳେ ରାସ୍ତାରେ ବାନ୍ତି କରିଥିଲେ। ଅକ୍ଷୟ ଗାଡି ଅଟକାଇବାରୁ ପୁଷ୍ପଲତା ଗାଡ଼ିରେ ବସି ବିଷପାନ କରିଥିବା ତାଙ୍କୁ କହିଥିଲେ। ଗୁରୁତର ଅବସ୍ଥାରେ ପୁଷ୍ପଲତାଙ୍କୁ ଗୁମୁଡ଼ାରୁ ବ୍ରହ୍ମପୁର ବଡ ମେଡିକାଲକୁ ବିଳମ୍ବିତ ରାତିରେ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ଅକ୍ଷୟ ପୋଲିସକୁ କହିଥିବା ଜଣାପଡ଼ିଛି। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ପୁଷ୍ପଲତାଙ୍କ ମୃତ୍ୟୁ ଘଟିଥିଲା ବୋଲି ପୋଲିସ କହିଛି। ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ଛାତ୍ରୀ ଜଣକ ଏଭଳି କରିଥିବା ପୋଲିସ ସନ୍ଦେହ କରୁଛି।

## ଦକ୍ଷିଣକାଳୀ ପୀଠରେ ପୂଜା, ଯଜ୍ଞ

**ବ୍ରହ୍ମପୁର ଅଫିସ,୨୮।୧୦:** ବ୍ରହ୍ମପୁର ଜେଲ ରୋଡସ୍ଥ ମା' ଦକ୍ଷିଣକାଳୀ ପୀଠରେ ୫ ଦିନିଆ ଶ୍ୟାମାକାଳୀ ପୂଜା ଓ ଯଜ୍ଞ ଦୀପାବଳି ଅମାବାସ୍ୟାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ମହିଳା ଓ ପୁରୁଷମାନେ ମାର୍କଣ୍ଡେଶ୍ୱର ପୋଖରୀରୁ ଜଳଯାତ୍ରାରେ ଆସି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ରବିବାର କର୍ମାରମ୍ଭ, ବ୍ରାହ୍ମଣ ବରଣ, ଦେବୀ ଆବାହନ ଓ ଅଗ୍ନିସଂସ୍କାର କରାଯାଇଥିଲା। ସୋମବାରରୁ ବୁଧବାର ପର୍ଯ୍ୟନ୍ତ କଳସ ପୂଜା, ଚଣ୍ଡୀପାଠ, ମଣ୍ଡଳ ପୂଜା, ସହସ୍ରାର୍ଚ୍ଚନ, ହୋମ ଓ ଷୋଡ଼ଶ ଉପଚାର କାର୍ଯ୍ୟକ୍ରମ ରହିଛି । ଗୁରୁବାର ପୂର୍ଣ୍ଣାହୁତି ଓ ଘଟ ବିସର୍ଜନ କରାଯିବ। ପଣ୍ଡିତ ଅକ୍ଷୟ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ସହଯୋଗୀ ପୁରୋହିତମାନେ ପୂଜାର୍ଚ୍ଚନା ଓ ଯଜ୍ଞ ପରିଚାଳନା କରୁଛନ୍ତି ।

## ଅନାଥ ଅନ୍ତେବାସୀଙ୍କ ଗହଣରେ ଦୀପାବଳି

**ବ୍ରହ୍ମପୁର ଅଫିସ,୨୮।୧୦**

ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଆଜି ସମାଜ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡ଼ା ପ୍ରଫୁଲ୍ଲ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ମଣିଷ ଭିତରେ ଅନନ୍ତ ପ୍ରତିଭା ରହିଛି। ଆମେ ତାକୁ କାର୍ଯ୍ୟକାରୀ କରିପାରିଲେ ସମାଜରେ ଶ୍ରେଷ୍ଠ ମଣିଷ ହୋଇପାରିବା ବୋଲି ସେ ପରାମର୍ଶ ଦେଇଛନ୍ତି। ସ୍ଥାନୀୟ ଆମ୍ବପୁଆସ୍ଥିତ ରାମକୃଷ୍ଣ ସାରଦା ସେବା ସଂଘ ଆଶ୍ରମରେ ରହୁଥିବା ଅନାଥ ଅନ୍ତେବାସୀଙ୍କ ଗହଣରେ ଦୀପାବଳି ପାଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆୟୋଜିତ ଏକ ସଭା ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଫୋରମ ଫର ଗଞ୍ଜାମ ଆବାହକ ସୁଧୀର କୁମାର ରାଉତ, ଜାତୀୟ ସାମ୍ବାଦିକ ୟୁନିୟନ ଓଡ଼ିଶା ଶାଖା ସଭାପତି ରବି ରଥ, ସଂକଳ୍ପ ଡେ ବୋର୍ଡ଼ିଂ ସ୍କୁଲର ସଭାପତି ଇ. ତେଜେଶ୍ୱର ରାଓ, ଅଜିତ କୁମାର ମହାପାତ୍ର, ସୁଜାତା ମଜୁମଦାର, ଅନିଲ କୁମାର ବିଷୋୟୀ, ଗୋପାଳ କୃଷ୍ଣ ଡ଼ାକୁଆ, ପି.କେ. ମୁନି, ଗଞ୍ଜାମ ଚ୍ୟାମ୍ବର ଅଫ କମର୍ସର ଜେ. ସୁରେଶ ପ୍ରମୁଖ ଉପସ୍ଥିତ ରହି ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଥମେ ସଂଗଠନ ସମ୍ପାଦକ ପଦ୍ମନାଭ ମହାରଣା ଅନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ମେଧା ପ୍ରତିଯୋଗିତାର କୃତୀ ଛାତ୍ରମାନଙ୍କୁ ବିଭିନ୍ନ ଉପହାର ଓ ପୁରସ୍କାର ପ୍ରଦାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ବୈଦିକ ସଂସ୍କୃତିର ପ୍ରଚାର କରାଯିବ

**ବ୍ରହ୍ମପୁର ଅଫିସ,୨୮।୧୦**

ଓଡ଼ିଶା ବ୍ରାହ୍ମଣ ମହାସଂଘର ଏକ ବୈଠକ ବ୍ରହ୍ମପୁର ବେଦ ପାଠଶାଳାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ବ୍ରାହ୍ମଣ ମହାସଂଘ ସଭାପତି ସୀମାଞ୍ଚଳ ମହାପାତ୍ର ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ବେଦ ପାଠଶାଳାର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବେଦପାଠ ପୂର୍ବକ ରାଷ୍ଟ୍ର ମଙ୍ଗଳ କାମନା କରାଯାଇଥିଲା। ମଞ୍ଚାସୀନ ଅତିଥିମାନେ ପ୍ରଦୀପ ପ୍ରଜ୍ଜଳନ କରିଥିଲେ। ବିଦେଶୀଙ୍କ ପ୍ରଭାବରେ ବର୍ତ୍ତମାନ ବ୍ରାହ୍ମଣମାନଙ୍କ ଧର୍ମକର୍ମ ସବୁ ସଙ୍କୁଚିତ ହେବାରେ ଲାଗିଛି । ସେଥିପାଇଁ ମହାତ୍ମା ଗାନ୍ଧୀ ୧୯୩୦ରେ 'ହରିଜନ' ପତ୍ରିକାରେ ଲେଖିଥିଲେ, ବ୍ରାହ୍ମଣମାନେ ଯଦି ପ୍ରାଚୀନ ବୈଦିକ ସଂସ୍କୃତିର ପୁନରୁଦ୍ଧାର ନ କରିବେ, ତା ହେଲେ ହିନ୍ଦୁ ଧର୍ମ ଲୋପ ପାଇଯିବ। କାରଣ ରାଷ୍ଟ୍ରର ମୁଖ୍ୟ ସ୍ୱରୂପ ବ୍ରାହ୍ମଣ ରହିଲେ ହିନ୍ଦୁ ଧର୍ମ ବଞ୍ଚିବ। ତେଣୁ ବୈଦିକ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ବିଶେଷଭାବେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଜିଲା ତଥା ବ୍ଲକଗୁଡ଼ିକରେ ବୈଦିକ କର୍ମକାଣ୍ଡ ବିଦ୍ୟାଳୟ ଏବଂ ବେଦ ପାଠଶାଳା ପ୍ରତିଷ୍ଠା ନିମନ୍ତେ ଜନସାଧାରଣ ତଥା ସରକାରଙ୍କ ସହାୟତା କାମନା କରାଯାଇଥିଲା। ଏତଦ୍ ବ୍ୟତୀତ ପ୍ରତ୍ୟେକ ବ୍ରାହ୍ମଣ ପରିବାର ସଦସ୍ୟମାନଙ୍କୁ ଓଡ଼ିଶା ବ୍ରାହ୍ମଣ ମହାସଂଘ ଦ୍ୱାରା ପଞ୍ଜୀକରଣ କରିବାକୁ ସ୍ଥିର କରାଯାଇଥିଲା। ଏହି ସଭାରେ ଓଡ଼ିଶା ବ୍ରାହ୍ମଣ ମହାସଂଘ ସଭାପତି ସୀମାଞ୍ଚଳ ମହାପାତ୍ର, ମନୋଜ କୁମାର ପାଣିଗ୍ରାହୀ, ପ୍ରମୋଦ କୁମାର ପଣ୍ଡା, ଇଂ. ଜଗନ୍ନାଥ ପାଢୀ, ଡ. ରବିନାରାୟଣ ମିଶ୍ର, ରାମ ପ୍ରସାଦ ଦାସ, ରମେଶ ଚନ୍ଦ୍ର ମହାପାତ୍ର, ଶିବ ପ୍ରସାଦ ମିଶ୍ର, ସୁଶାନ୍ତ କୁମାର ସାହୁ, ଗଙ୍ଗାଧର ଶତପଥୀ, ରବୀନ୍ଦ୍ର କୁମାର ନାୟକ, ସୁଶାନ୍ତ କୁମାର ପଣ୍ଡା ଓ ପଦ୍ମଲୋଚନ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ କୋଷାଧକ୍ଷ ରମେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ ।




ବୈଠକରେ ଉପସ୍ଥିତ ମହାସଂଘର କର୍ମକର୍ତ୍ତାମାନେ ।

## ବ୍ରହ୍ମପୁରରେ ଫିକାପଡ଼ିଲା ଦୀପାବଳି

# ଜମୁଛି କାଳୀପୂଜା, ମନ ମୋହୁଛି ତୋରଣ

**ବ୍ରହ୍ମପୁର ଅଫିସ,୨୮।୧୦**



ବଡ଼ଖେମୁଣ୍ଡି ସାହି ।



ଗେଟ୍‌ବଜାର ।

ବ୍ରହ୍ମପୁରରେ ଫିକା ପଡିଛି ଦୀପାବଳି । ସହରରେ ଆତସବାଜି ଶବ୍ଦ ଚଳିତ ବର୍ଷ ଉଭେଇ ଯାଇଥିବା ବେଳେ ମହାନଗରରେ କାଳୀପୂଜା ବେଶ ଜମିଛି। ରଙ୍ଗୀନ ଆଲୋକମାଳା ସାଙ୍ଗକୁ ଆକର୍ଷଣୀୟ ତୋରଣ, ଆଧୁନିକ ସାଜସଜ୍ଜା ଦର୍ଶକଙ୍କୁ ବିମୋହିତ କରୁଛି । ରବିବାର ଦୀପାବଳି ଅବସରରେ ସହରରେ ଚଳିତବର୍ଷ ୪ ପ୍ରମୁଖ ବୃହତ୍ ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଛି । ଗେଟବଜାର ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟସ୍ଥ ଦକ୍ଷିଣକାଳୀ ପୂଜା କମିଟି ପକ୍ଷରୁ ଆୟୋଜିତ ମଣ୍ଡପର ୧୦୦ଫୁଟ ଓସାର ଓ ୭୦ ଫୁଟ ଉଚ୍ଚତାର ବାଙ୍ଗାଲୋର ଭାନୁମତୀ ପ୍ୟାଲେସ ଢାଞ୍ଚା ତୋରଣ ଓ ମଣ୍ଡପରେ ଶୋଭା ପାଉଥିବା ବିଷ୍ଣୁଙ୍କ ଦଶ ଅବତାର କଳାକୁଞ୍ଜ ପର୍ଯ୍ୟଟକଙ୍କ ମନକିଣୁଛି। ଦ୍ୱିତୀୟ ବର୍ଷରେ ପହଞ୍ଚିଥିବା ଶିଳ୍ପାଞ୍ଚଳ ନିକଟସ୍ଥ ସୁବାସନଗରରେ ଶ୍ୟାମାକାଳୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ପୂଜାମଣ୍ଡପର ୧୫.୫ ଫୁଟ ଉଚ୍ଚତାର ରାଜମହଲ ଢାଞ୍ଚା ତୋରଣ ଓ ଆକର୍ଷଣୀୟ ଆଲୋକ ସାଜସଜ୍ଜା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ଦୀର୍ଘ ୫ ବର୍ଷ ପରେ ଖୋଡାସିଙ୍ଗିର ଶ୍ୟାମାକାଳୀ ଯୁବକ ସଂଘ ଓ ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ପୂଜାମଣ୍ଡପ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ମଣ୍ଡପର ୬୫ ଫୁଟ ଉଚ୍ଚତା ଓ ୬୦ ଫୁଟ ଓସାରର ତାମିଲନାଡୁ ଭେଙ୍କଟେଶ୍ୱର ମନ୍ଦିର ତୋରଣ ଓ ଆଧୁନିକ ସାଜସଜ୍ଜା ସହରବାସୀଙ୍କୁ ବେଶ ଆକର୍ଷିତ କରୁଛି । ଅନ୍ୟପଟରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଆଙ୍କୁଲି ଅଞ୍ଚଳରେ ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ପୂଜା ଆୟୋଜିତ ହୋଇଛ। ଏହାବ୍ୟତୀତ ବ୍ରହ୍ମାନଗର, ମିଲିଟାରୀ ଲାଇନସ୍ଥିତ ବଙ୍ଗାଳି ସାହି, ପୁରୁଣା ବସ୍‌ଷ୍ଟାଣ୍ଡ ଆଦି ଦୁର୍ଗାପୂଜା କମିଟି, ଦୈବୀଶକ୍ତି ପୂଜା କମିଟି ପକ୍ଷରୁ ଗେଡବଜାର ରଘୁନାଥ ମନ୍ଦିର ନିକଟ ବଡଖେମୁଣ୍ଡି ସାହି, ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ଗୋଷାଣୀନୂଆଗାଁ ଗୁଣ୍ଡିଚାମନ୍ଦିର ଛକରେ କାଳୀପୂଜା ରବିବାରରୁ ଆରମ୍ଭ ହୋଇଛି। ଉପରୋକ୍ତ ପୂଜା ମଣ୍ଡପରେ ରବିବାର ମା'ଙ୍କୁ ଆବାହନ କରାଯିବା ପରେ ରୀତିନୀତି ସହ ପୂଜା ଆରମ୍ଭ ହୋଇଥିଲା । ତେବେ ସହରର ସର୍ବପୁରାତନ ବଡବଜାର ପରିବା ମାର୍କେଟ ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ମଣ୍ଡପରେ ରବିବାର ବିଳମ୍ବିତ ରାତ୍ରିରେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ଏହି ଅବସରରେ ଆସନ୍ତା ଗୁରୁବାରରୁ ୪୮ ପ୍ରହର ନାମଯଜ୍ଞ ହେବାକୁ ଥିବା କମିଟି ପକ୍ଷରୁ କୁହାଯାଇଛି ।

**ଆଲୋକମାଳା, ସାଜସଜ୍ଜା ଆକର୍ଷଣ**




**ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।**

## ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ପ୍ରତିବାଦ ସଭା

**ଫୁଲବାଣୀ ଅଫିସ, ୨୮।୧୦:** ନିଖିଳ ଓଡିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ତରଫରୁ ବିଭିନ୍ନ ଦାବି ନେଇ ପ୍ରତିବାଦ ସଭା କରାଯାଇଛି। ତାଲିମ ଶେଷ ପରେ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ମିଳୁ ନ ଥିବା ପ୍ରତିବାଦରେ ସଂଘ ସଦସ୍ୟମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ସରକାରଙ୍କ ଏହି ନୀତିକୁ ସମାଲୋଚନା କରିଥିଲେ। ୨୦୦୬ରୁ ଏ ପର୍ଯ୍ୟନ୍ତ ୧୭ ହଜାରରୁ ଉର୍ଦ୍ଧ୍ୱ ଏଏନ୍ଏମ୍‌ମାନଙ୍କ ସମସ୍ୟା ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ହେଲେ ପୁନଃକାଉନସେଲିଂ(ତାଲିମ) ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଚାକିରି ନ ପାଇ ତାଲିମପ୍ରାପ୍ତ ଏଏନ୍ଏମ୍‌ମାନେ ଅସୁବିଧାରେ ରହିଛନ୍ତି। ପ୍ରଥମେ ସରକାର ପୂର୍ବରୁ ତାଲିମପ୍ରାପ୍ତଙ୍କୁ ନିଯୁକ୍ତି ଦିଅନ୍ତୁ। ତାଲିମ ନେବା ପାଇଁ ଆସୁଥିବା ଛାତ୍ରୀମାନଙ୍କୁ ସଙ୍ଗଠନ ବିରୋଧ କରୁନାହିଁ। ଚାକିରି ନ ମିଳୁ ଥିବାରୁ ଏହି ଧନ୍ଦାମୂଳକ ତାଲିମକୁ ବିରୋଧ କରାଯାଉଛି। ସରକାର ଏହାକୁ ବିଚାରକୁ ନେଇ ତୁରନ୍ତ ନିଯୁକ୍ତି ପ୍ରଦାନ କରନ୍ତୁ ବୋଲି ସଂଘର ସମ୍ପାଦିକା ସବିତା ଦାସ, ଦୀପାଳି ପ୍ରଧାନ ପ୍ରମୁଖ ପ୍ରକାଶ କରିଛନ୍ତି।

### ସରପଞ୍ଚଙ୍କ ନାଁରେ ଭିଡିଓ ଭାଇରାଲ ଘଟଣା

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ

**ଦିଗପହଣ୍ଡି,୨୮।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ସରପଞ୍ଚ ବି. କ୍ରିଷ୍ଣା ରାଓ ସୁବୁଦ୍ଧିଙ୍କ ନାଁରେ ଆପତ୍ତିଜନକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ନେଇ ତାଙ୍କ ସ୍ତ୍ରୀ ବି.ସନ୍ଧ୍ୟା ରାଣୀ ସୁବୁଦ୍ଧି ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ୨ ଶହରୁ ଉର୍ଦ୍ଧ୍ୱ ସରପଞ୍ଚଙ୍କ ସମର୍ଥକ ରବିବାର ରାତି ପ୍ରାୟ ୯ଟାରୁ ୧୧ଟା ଦୁଇ ଘଣ୍ଟା ବ୍ୟାପି ଦିଗପହଣ୍ଡି ଥାନାକୁ ଘେରାଉ କରିଥିଲେ। ଏହାର ତଦନ୍ତ କରି ଶୀଘ୍ର ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ, ଆଇଆଇସି ବସନ୍ତ କୁମାର ସେଠୀ ପ୍ରତିଶ୍ରୁତି ଦେବା ପରେ ସେମାନେ ଗାଁକୁ ଫେରିଥିଲେ। ସୋମବାର ଏ ନେଇ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟରେ



ସରପଞ୍ଚଙ୍କ ସମର୍ଥକଙ୍କ ପକ୍ଷରୁ ଥାନା ଘେରାଉ।

ଜରୁରୀ ସଭା ଡକାଯାଇଥିଲା। ସମସ୍ତ ଅଭିଯୁକ୍ତ ଗିରଫ ନ ହେଲା ପର୍ଯ୍ୟନ୍ତ ଥାନା ସମ୍ମୁଖରେ ପଞ୍ଚାୟତ ସଚେତନ ନାଗରିକ କମିଟି ପକ୍ଷରୁ ଧାରଣା ଦିଆଯିବ ବୋଲି ସଭାରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗୃହୀତ ହୋଇଥିଲା। ପୂର୍ବତନ ସମିତିସଭ୍ୟ ଟି. ରାମାରାଓଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୧ଟାରୁ ୩ଟା ଯାଏ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଲୋକେ ଥାନାରେ ପହଞ୍ଚି ଗଣଧାରଣାରେ ସାମିଲ ଥିଲେ। ଆଇଆଇସି ଗଣଧାରଣା ସ୍ଥଳରେ ପହଞ୍ଚି ସରପଞ୍ଚଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଲୋକେ ତହସିଲ କାର୍ଯ୍ୟାଳୟକୁ ଯାଇ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କୁ ସାକ୍ଷାତ କରିଥିଲେ। ପଦ୍ମନାଭପୁର ଗ୍ରାମର ଏକ ଘରୋଇ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ମନ୍ଦିର ଜମି ଜବରଦଖଲ କରି ବେଆଇନ ଭାବେ ସ୍ଥାୟୀ କୋଠା ନିର୍ମାଣ କରିଥିବାରୁ ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଜବରଦଖଲ ଉଚ୍ଛେଦ କରିବାକୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅତିଶୀଘ୍ର ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ବିଳମ୍ବିତ ରାତିରେ ପଦ୍ମନାଭପୁର ଗାଁରେ ଥିବା ଉକ୍ତ ଶିକ୍ଷାନୁଷ୍ଠାନ ହଷ୍ଟେଲ ଛାତରୁ ଜଣେ ୯ମ ଶ୍ରେଣୀ ଛାତ୍ରୀ ଡେଇଁପଡିଥିଲେ। ଏହାକୁ କେନ୍ଦ୍ରକରି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ସରପଞ୍ଚଙ୍କୁ ସାଧାରଣରେ ନିନ୍ଦିତ କରିବା ଉଦ୍ଦେଶ୍ୟରେ ରବିବାର ଏକ ଭିଡିଓ ଭାଇରାଲ କରିଥିବା ଅଭିଯୋଗ ହୋଇଥିଲା। ଭାଇରାଲ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଶୀଘ୍ର ଗିରଫ କରାନଗଲେ ଆନ୍ଦୋଳନକୁ ତୀବ୍ର ହେବ ବୋଲି ସରପଞ୍ଚଙ୍କ ସମର୍ଥକ ମାନେ ଚେତାବନୀ ଦେଇଛନ୍ତି।

## ୱାର୍ଡମେମ୍ବରଙ୍କୁ ମାଓବାଦୀଙ୍କ ନାଁରେ ଧମକପୂର୍ଣ୍ଣ ଚିଠି

**ଦାରିଙ୍ଗବାଡ଼ି,୨୮।୧୦(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ତିଲୋରୀ ପଞ୍ଚାୟତ ଗୁଡ୍ଡା ଗ୍ରାମର ୯ ନଂ. ୱାର୍ଡମେମ୍ବର ବୁଗିରା ପ୍ରଧାନଙ୍କୁ ମାଓବାଦୀଙ୍କ ନାଁରେ ଧମକ ପୂର୍ଣ୍ଣ ଚିଠି ମିଳିଛି। ଗତ ୧୭ ତାରିଖ ସକାଳୁ ଘର ଆଗରେ ଚିଠି ପଡିଥିବା ଦେଖି ଭୟରେ ଗାଁ ଲୋକଙ୍କୁ ବୁଗିରା ଜଣାଇଥିଲେ। ହେଲେ ଥାନାରେ ଅଭିଯୋଗ କରିନାହାନ୍ତି। ତାଙ୍କ କହିବା ପ୍ରକାରେ, ଏହା ନକଲି ମାଓବାଦୀଙ୍କ କାର୍ଯ୍ୟ। କାହାର କ୍ଷତି କରି ନ ଥିବା ସେ କହିଛନ୍ତି। ଚିଠି ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇବା ପରେ ଗାଁରେ ବୈଠକ ବସିଥିଲା। ଏହା କୌଣସି ଖଳ ପ୍ରକୃତିର ବ୍ୟକ୍ତିଙ୍କ କାର୍ଯ୍ୟ ବୋଲି ଆଲୋଚନା ହୋଇଥିବା ବୁଗିରା କହିଥିଲେ। ଉକ୍ତ ଚିଠି ବିଭିନ୍ନ ରଙ୍ଗରେ ଲେଖାଯାଇଥିବା ବେଳେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇ (ମାଓବାଦୀ) ବୋଲି ଉଲ୍ଲେଖ ରହିଛି। ସେଥିରେ ବୁଗିରାଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି ଯେ, ତୁମେ ପଦବୀରେ ରହିଥିବା



ୱାର୍ଡସଭ୍ୟ ବୁଗିରା ଓ ମାଓବାଦୀଙ୍କ ଚିଠି।

ସମୟରେ ବହୁତ ଦୁର୍ନୀତି ହେଉଛି। ତୁମ ବିରୋଧରେ ଜନ ବିରୋଧୀ ବୃଦ୍ଧି ପାଇଛି। ଯଦି ପଦବୀରେ ଥାଇ ଲୋକଙ୍କୁ ନ୍ୟାୟ ପ୍ରଦାନ କରିପାରୁନାହିଁ ତେବେ ତୁମ ଜୀବନ ପ୍ରତି ବିପଦ ରହିଛି ବୋଲି ପରୋକ୍ଷରେ ହତ୍ୟା ଧମକ ଦିଆଯାଇଛି।

## ମା' କାଳୀଙ୍କୁ ଆରାଧନା

**ଭଞ୍ଜନଗର,୨୮।୧୦(ଡି.ଏନ.ଏ):** ଭଞ୍ଜନଗର ହାର୍ଟନଗର, ଡହ ଆଦିରେ ରବିବାର ରାତିରୁ କାଳୀ ପୂଜା ଆରମ୍ଭ ହୋଇଛି। ହାର୍ଟନଗରରେ ବନ କର୍ମଚାରୀଙ୍କ ସହଯୋଗରେ ଏହି ପୂଜା ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଛି। ସେହିପରି ଡହ ଜଳଭଣ୍ଡାର ନିର୍ମାଣ ହେବାପରଠୁ ଜଳସମ୍ପଦ ବିଭାଗ ପକ୍ଷରୁ କାଳୀପୂଜା ହେଉଛି। ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ପୂଜା ଚାଲିଛି।
**ଆସିକା:** ଆସିକା ବ୍ଲକ ଅନ୍ତର୍ଗତ ନୂଆଗାଁଠାରେ ଶନିବାରଠାରୁ ମା' ଶ୍ୟାମାକାଳୀଙ୍କ ପୂଜା ଆରମ୍ଭ ହୋଇଛି। ଆସନ୍ତା ୩ ତାରିଖ ଯାଏ ଏହି ପୂଜା ଚାଲିବ। ଗ୍ରାମର ନିରଞ୍ଜନ ନାହାକଙ୍କ ତତ୍ତ୍ୱାବଧାନରେ ଏବଂ ଗ୍ରାମବାସୀଙ୍କ ସହଯୋଗରେ ପୂଜା ହେଉଛି।
**କନିଷି:** ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟସ୍ଥିତ ତୁଳୁ ରୋଡରେ ମା' କାଳୀ ପୂଜା ଅନୁଷ୍ଠିତ ହେଉଛି। ବୁଧବାର ମା'ଙ୍କ ବିସର୍ଜନ କରାଯିବ। ଚଣ୍ଡୀପାଠ ପୁରୋହିତ ପଣ୍ଡିତ ସନ୍ତୋଷ କୁମାର ଶତପଥୀ, କମିଟିର କୃଷ୍ଣ ବେହେରା, ଶଙ୍କର ଘଡ଼େଇ, ଆଶୁତୋଷ ପଣ୍ଡିତ ପ୍ରମୁଖଙ୍କ ସହ ଗ୍ରାମବାସୀ ପୂଜାରେ ସହଯୋଗ କରୁଛନ୍ତି।
**ଫିରିଙ୍ଗିଆ:** ଫିରିଙ୍ଗିଆ ବ୍ଲକ ନୂଆପଦରଠାରେ ମା' କାଳୀଙ୍କ ପୂଜା ଆରମ୍ଭ ହୋଇଛି। ରବିବାର ସନ୍ଧ୍ୟାରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ବେହେରା ଏହାକୁ ଆସି ପୂଜାର୍ଚ୍ଚନା କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।
**ଜି.ଉଦୟଗିରି:** ଜି.ଉଦୟଗିରି ବନ୍ଧଛକ କାଳୀ ପୂଜା ମଣ୍ଡପରେ ପ୍ରଥମେ ମା'ଙ୍କୁ ବରଣ କରି ଅଣାଯିବା ପରେ ରବିବାର ଚଣ୍ଡୀପାଠ ଓ ପୂଜାର୍ଚ୍ଚନା ହୋଇଥିଲା। ପୂଜା କମିଟି ସଭାପତି ଅଜିତ କୁମାର ସାହୁ କର୍ତ୍ତା ଥିଲେ। ବୁଧବାର ପର୍ଯ୍ୟନ୍ତ ଚଣ୍ଡୀପାଠ ଓ ପୂଜାର୍ଚ୍ଚନା କରାଯିବ। ରବିବାର ମା'ଙ୍କ ମୂର୍ତ୍ତି ବିସର୍ଜନ ହେବ।

## ଗଞ୍ଜେଇ ଜବତ, ୩ ଗିରଫ

**ରାଇକିଆ,୨୮।୧୦(ଡି.ଏନ୍.ଏ.):** ରାଇକିଆ ପୋଲିସ ରବିବାର ପାଟ୍ରୋଲିଂ କରୁଥିବା ବେଳେ ଏକ କାର (ନଂ.ଓଆର୦୨ ଏଜେ ୯୫୨୭)ରେ ଗଞ୍ଜେଇ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇଥିଲା। ଉକ୍ତ କାରକୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ୩ ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ପୋଲିସ ଉକ୍ତ କାର୍ ସହ ୬୨ କି.ଗ୍ରା ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଡ୍ରାଇଭରଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୟାଗଡ଼ର ରବୀନ୍ଦ୍ର ଖୁଣ୍ଟିଆ, ଫିରିଙ୍ଗିଆ କେଳାପଡ଼ାର ଟୁକୁନା ଦିଗାଳ ଓ ଆମ୍ବେଦକର ବାଗ। ସୋମବାର ଏ ନେଇ ନଂ. ୭୫/୧୯ରେ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତମାନଙ୍କୁ ଜି.ଉଦୟଗିରି କୋର୍ଟ ଚାଲାଣ କରାଯାଇଛି।

## ଦମ୍ପତିଙ୍କୁ ଯବାନଙ୍କ ମାଡ଼ ଅଭିଯୋଗ

**ଫୁଲବାଣୀ ଅଫିସ, ୨୮।୧୦:** କୋଟଗଡ ବ୍ଲକ ସୁବର୍ଣ୍ଣଗିରି ପଞ୍ଚାୟତ ବଣ୍ଡିଗୁଡା ଗ୍ରାମର ଏକ ଦମ୍ପତିଙ୍କୁ ସିଆର୍‌ପିଏଫର ଯବାନ ମାଡ ମାରିଥିବା ଅଭିଯୋଗ ହୋଇଛି। ଆହତ ଦମ୍ପତି ତଥା ଗ୍ରାମର ଅମିତ ବଡସେଟ ଏବଂ ତାଙ୍କ ସ୍ତ୍ରୀ ହେମନ୍ତି ଫୁଲବାଣୀ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ହେମନ୍ତି ଏ ନେଇ ସୋମବାର ଏସ୍‌ପିଙ୍କ ପାଖରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଅମିତ ଏବଂ ହେମନ୍ତି ନିଜ ଘର ପାଖରେ କାମ କରୁଥିବା ବେଳେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ସିଆରପିଏଫ୍‌ର ଯବାନ ଆସି ଅମିତ କିଏ ବୋଲି ପଚାରିଥିଲେ। ଅମିତ ନିଜ ପରିଚୟ ଦେବାରୁ ହଠାତ ତାଙ୍କୁ ମାଡମରା ଯାଇଥିଲା। ପ୍ରତିରୋଧ କରିବାରୁ ହେମନ୍ତିଙ୍କୁ ମଧ୍ୟ ମାଡ ମରାଯାଇଥିଲା। ଏ ନେଇ ଅମିତ କହିଛନ୍ତି, ଜାଗାବାଡିକୁ ନେଇ ଗ୍ରାମର କେତେଜଣଙ୍କ ସହ ତାଙ୍କର ମତାନ୍ତର ରହିଛି। ସେମାନେ ଗ୍ରାମରେ ବୈଠକ କରି ସିଆରପିଏଫ୍ ଯବାନଙ୍କ ଦ୍ୱାରା ଏପରି କରିଛନ୍ତି। ଘଟଣା ସମ୍ପର୍କରେ ଏସ୍‌ପିଙ୍କୁ ଅଭିଯୋଗ କରିଛୁ। ବାଲିଗୁଡା ଏସ୍‌ଡିପିଓଙ୍କୁ ଦେଖା କରିବାକୁ ସେ କହିଛନ୍ତି।

## ୫-ଟି କାର୍ଯ୍ୟକାରିତା ନେଇ ବୈଠକ

**ଫୁଲବାଣୀ ଅଫିସ, ୨୮।୧୦:** କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ୫-ଟିର ସଫଳ କାର୍ଯ୍ୟକାରିତା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ବୃନ୍ଦା ଡି. ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରତ୍ୟେକ କାର୍ଯ୍ୟାଳୟର ମୁଖ୍ୟ ତଥା ଅନ୍ୟ ପଦାଧିକାରୀମାନେ ସାଧାରଣ ଜନତାଙ୍କ ସହ ସୁସମ୍ପର୍କ ସ୍ଥାପନ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ମିଳିତ ଭାବେ ଅଞ୍ଚଳର ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ ସହଯୋଗ କରିବାକୁ କହିଥିଲେ। ପ୍ରତ୍ୟେକ ବିଭାଗରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକୁ ଲିଫ୍‌ଲେଟ୍ ଆକାରରେ ପଞ୍ଚାୟତସ୍ତରରେ ହେଉଥିବା ବୈଠକ କିମ୍ବା ସଭାରେ ଲୋକଙ୍କ ମଧ୍ୟରେ ବିତରଣ କରିବାକୁ ଜିଲାପାଳ ପ୍ରସ୍ତାବ ଦେଇଥିଲେ। ଏହା ହେଲେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଓ ଯୋଜନା ବିଷୟରେ ଜନସାଧାରଣ ଜାଣିବା ସହିତ କେଉଁ କାର୍ଯ୍ୟ ପାଇଁ କାହାକୁ, କିପରି ଆବେଦନ କରିବେ ଏବଂ ତା'ର ସୁଫଳ ସେମାନେ କେତେ ଦିନ ମଧ୍ୟରେ ପାଇପାରିବେ ତାହା ଜାଣିପାରିବେ। ସମସ୍ତ କାର୍ଯ୍ୟାଳୟ ସେମାନଙ୍କ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମ ସହିତ ଜଡ଼ିତ ଅଧିକାରୀମାନଙ୍କ ଟେଲିଫୋନ୍ ନମ୍ବର ଉଲ୍ଲେଖ କରିବା, ହିତାଧିକାରୀଙ୍କର ସମସ୍ୟାଗୁଡ଼ିକୁ ସହଜ ଓ ସରଳ ଭାବରେ ସମାଧାନ କରିବାକୁ ସର୍ବନିମ୍ନ ପ୍ରଯୁକ୍ତିବିଦ୍ୟାର ସଫଳ ଉପଯୋଗ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳ, ଅତିରିକ୍ତ ଜିଲାପାଳ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ସମସ୍ତ ଜିଲା ରୀୟ ଅଧିକାରୀଙ୍କର ଟେଲିଫୋନ୍ ନମ୍ବର ଉଲ୍ଲେଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକଙ୍କ ସମେତ ଜିଲାର ସମସ୍ତ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।





ଓଡିଶା ସରକାର
ପ୍ରତି ବୁନ୍ଦା ଜଳରେ ଅଧିକ ଫସଲ
ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନାରେ
ବୁନ୍ଦା ଓ ସିଞ୍ଚନ ଜଳସେଚନ ପ୍ରଣାଳୀ ସ୍ଥାପନ କରି
➢ କମ ଜଳରେ ଅଧିକ ଫସଲ ଚାଷ କରନ୍ତୁ
➢ ଜଳ ବଞ୍ଚାନ୍ତୁ
➢ ଅଧିକ ଅମଳ କରି ଲାଭବାନ ହୁଅନ୍ତୁ ।

ଏହି ପ୍ରଣାଳୀ ସ୍ଥାପନ ପାଇଁ ମିଳୁଥିବା ରିହାତି :




| ଚାଷୀ | ରିହାତି |
|---|---|
| କ୍ଷୁଦ୍ର ଓ ନାମମାତ୍ର ଚାଷୀ | ୯୦% ଭାଗ |
| ଅନ୍ୟ ଚାଷୀ | ୮୦% ଭାଗ |

ପଞ୍ଜିକରଣ ପାଇଁ pmksy.nic.in portal ରେ ଆବେଦନ କରନ୍ତୁ ।
ଉଦ୍ୟାନକୃଷି ନିର୍ଦ୍ଦେଶାଳୟ, ଭୁବନେଶ୍ୱର
Email: supportdho.od@nic.in Website: odihort.nic.in
DSPL-130
01038/13/0006/1920

## ସଂକ୍ଷେପରେ

### ଛତ୍ରପୁର ଆହାର କେନ୍ଦ୍ରକୁ ଆଇଏସ୍‌ଓ ପ୍ରମାଣପତ୍ର

ଛତ୍ରପୁର,୨୮।୧୦(ଡି.ଏନ.ଏ.)-ଛତ୍ରପୁର ହସ୍ପିଟାଲ ସମ୍ମୁଖରେ ଥିବା ଆହାର କେନ୍ଦ୍ରକୁ ଇଣ୍ଟରନ୍ୟାଶନାଲ ଷ୍ଟାଣ୍ଡାର୍ସ ଅର୍ଗାନାଇଜେଶନ (ଆଇଏସ୍‌ଓ) ୯୦୦୧ ପ୍ରମାଣପତ୍ର ମିଳିଛି। ନୂଆଦିଲ୍ଲୀସ୍ଥିତ ଇଣ୍ଟର ନ୍ୟାସନାଲ ଆକ୍ୟୁରେଟ ସାର୍ଟିଫିକେଶନ ସଂସ୍ଥା ପକ୍ଷରୁ ଏହା ପ୍ରଦାନ କରାଯାଇଛି। ସମସ୍ତଙ୍କୁ ଖାଦ୍ୟ କାର୍ଯ୍ୟକ୍ରମରେ ୫ ଟଙ୍କାରେ ମଧ୍ୟାହ୍ନଭୋଜନ ବଣ୍ଟନ ଓ କ୍ୱାଲିଟି ମ୍ୟାନେଜ୍‌ମେଣ୍ଟ ପାଇଁ ଏହି ପ୍ରମାଣପତ୍ର ମିଳିଥିବା ଛତ୍ରପୁର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କଠାରୁ ସୂଚନା ମିଳିଛି । ଏହି ଆହାର କେନ୍ଦ୍ରକୁ ଛତ୍ରପୁର ଏନ୍‌ଏସି ପକ୍ଷରୁ ପରିଚାଳନା କରାଯାଉଛି। ମଧ୍ୟାହ୍ନରେ ୫ଟଙ୍କାରେ ଭାତ ଓ ଡାଲମା ଲୋକଙ୍କୁ ବଣ୍ଟନ କରାଯାଉଛି । ଦୈନନ୍ଦିନ ୫ଶହ ଲୋକଙ୍କୁ ଏହି ଆହାର କେନ୍ଦ୍ର ପକ୍ଷରୁ ଖାଦ୍ୟ ଯୋଗାଇ ଦିଆଯାଇ ଆସୁଛି। ଏହି ଆହାର କେନ୍ଦ୍ରକୁ ୨୦୧୯ ୨୫ ଅକ୍ଟୋବରରୁ ୨୦୨୨ ଅକ୍ଟୋବର ୨୪ ତାରିଖ ପର୍ଯ୍ୟନ୍ତ ୩ ବର୍ଷ ପାଇଁ ଆଇଏସ୍‌ଓ ପ୍ରମାଣପତ୍ର ମିଳିଛି ।

### ଚୋରି ଉଦ୍ୟମ ମାମଲା
### ୨ ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୨୮।୧୦(ଡି.ଏନ.ଏ.)-ଚୋରି ଉଦ୍ୟମ ମାମଲାରେ ଦିଗପହଣ୍ଡି ପୋଲିସ ବ୍ରହ୍ମପୁର ସଦର ଥାନା ସୁକୁଣ୍ଡା ଗ୍ରାମର ସିଏଚ୍. ଚେନା ବାବୁ ଏବଂ କେ. ଅନିଲଙ୍କୁ ସୋମବାର ନଂ. ୨୧୫/୧୯ ଦଫା ୪୫୭/୫୧୧ ଅନୁଯାୟୀ ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଗୁରୁବାର ବିଳମ୍ବିତ ରାତିରେ ଅଭିଯୁକ୍ତ ଦ୍ୱୟ ମହୁଡ଼ା ଚାଞ୍ଚଡ଼ପଲ୍ଲୀ ଗ୍ରାମର ପଞ୍ଚୁ ସ୍ୱାଇଁଙ୍କ ଘରେ ପଶି ଚୋରି ଉଦ୍ୟମ କରିଥିଲେ। ପଞ୍ଚୁ ନିଦରୁ ଉଠିପଡ଼ି ପାଟି କରିବାରୁ ସାହି ପଡ଼ୋଶୀ ଲୋକେ ଉଠି ଅଭିଯୁକ୍ତ ଦ୍ୱୟଙ୍କୁ ଗୋଡାଇଥିଲେ। ବାଇକରେ ଆସିଥିବା ଅଭିଯୁକ୍ତମାନେ କାଦୁଅ ରାସ୍ତାରେ ବାଇକ୍ ଛାଡ଼ି ରାତିରେ ଫେରାର ହୋଇଯାଇଥିଲେ। ଏ ନେଇ ଏତଲା ପରେ ପୋଲିସ ତଦନ୍ତ କରି ବାଇକ୍ (ନଂ ଓଡି୦୭ଟି୦୨୮୧)କୁ ଜବତ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା ବୋଲି ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

### ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ବୁଗୁଡ଼ା,୨୮।୧୦(ଡି.ଏନ.ଏ.)-ବୁଗୁଡ଼ା ଥାନା ରାବଗଡ଼ ନିକଟସ୍ଥ ଏକ ପୋଖରୀରେ ବୁଡ଼ି ରବିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାବଗଡ଼ର ସରମା ନାୟକ (୫୯)। ଏ ନେଇ ପୋଲିସ ନଂ. ୨୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଦୀପାବଳି ଅମାବାସ୍ୟା ଉପଲକ୍ଷେ ଅପରାହ୍ନରେ ସରମା କୁସୁମଗାଡ଼ିଆ ନାମକ ଏକ ପୋଖରୀକୁ ବାଲୁଙ୍ଗା ଆଣିବାକୁ ଯାଇ ତାଙ୍କ ଗୋଡ଼ ପୋଖରୀରେ ଥିବା ପଙ୍କରେ ଲାଗି ଯାଇଥିଲା। ଫଳରେ ସେ ସେଠାରୁ ଆଉ ବାହାରି ନ ପାରି ବୁଡ଼ି ଯାଇଥିଲେ। ସରମା ଘରକୁ ନ ଫେରିବାରୁ ପରିବାର ଲୋକେ ଚାରିଆଡ଼େ ବହୁ ଖୋଜାଖୋଜି କରିଥିଲେ ମଧ ପାଇନଥିଲେ। ସୋମବାର ୧୦ଟାରେ ତାଙ୍କର ଭାଇ ପୋଖରୀରେ ଭାସୁଥିବା ମହିଳାଙ୍କୁ ଦେଖି ତୁରନ୍ତ ପୋଲିସକୁ ଜଣାଇଥିଲେ। ବୁଗୁଡ଼ା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲ ପଠାଇଥିବା ଜଣାପଡ଼ିଛି।

### ଭିନ୍ନ ଢଙ୍ଗରେ ଦୀପାବଳି ପାଳନ

ଛତ୍ରପୁର,୨୮।୧୦(ଡି.ଏନ.ଏ.)-ପବିତ୍ର ଦୀପାବଳି ଓ କାଳୀପୂଜା ଅବସରରେ ସାମାଜିକ କର୍ମୀ ସୁଧୀର ପଟ୍ଟନାୟକ ଓ ସମାପ୍ତି ପଟ୍ଟନାୟକ ରବିବାର ନିଆରା ଢଙ୍ଗରେ ଦୀପାବଳି ପାଳନ କରିଛନ୍ତି । ଛତ୍ରପୁର ସରକାରୀ ହସ୍ପିଟାଲରେ ସମସ୍ତ ରୋଗୀଙ୍କୁ ସେମାନେ ଫଳ ବଣ୍ଟନ କରିଥିଲେ । ଏଥିସହ ନିକଟସ୍ଥ ସେବାଶ୍ରମରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ସେହିପରି ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ମଧ ଛତ୍ରପୁରସ୍ଥିତ ସମର୍ଥ ଆବାସିକ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ସହ ଦୀପାବଳି ପାଳନ କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ, ଗଞ୍ଜାମ ରିଜର୍ଭ ଇନ୍ସପେକ୍ଟର ଗଙ୍ଗାଧର ଧାଙ୍ଗର ଓ ସୁବଳ ସୋରେନ୍, ଛତ୍ରପୁର ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

## ପାଣ୍ଡିଆପଥରରେ ଗୁଳିକାଣ୍ଡ, ଜଣେ ଆହତ
# ଅଭିଯୁକ୍ତଙ୍କୁ ପୋଲିସର ଏନ୍‌କାଉଣ୍ଟର


ଜବତ ବାଇକ୍ ।


ପୋଲିସ ଏନ୍‌କାଉଣ୍ଟରରେ ଆହତ ଶିବ ଶଙ୍କର ଦୋରା।

ଆସିକା,୨୮।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ପାଣ୍ଡିଆପଥର ଗ୍ରାମରେ ରବିବାର ରାତିରେ ଗୁଳିକାଣ୍ଡ ଘଟାଇ ଫେରାର ହୋଇଯାଉଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଛି। ସେ ହେଲେ ଉକ୍ତ ଗ୍ରାମର ଶିବ ଶଙ୍କର ଦୋରା ଓରଫ ଟାଙ୍ଗିରି (୩୨)। ଆସିକା-ବାଲିପଦର ରାସ୍ତାର ଚାରିମାଇଲି ନିକଟରେ ରବିବାର ରାତି ପ୍ରାୟ ସାଢେ ୧୨ଟାରେ ଶିବଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଥିଲା। ତାଙ୍କ ବାମ ଗୋଡ଼ରେ ଗୁଳି ବାଜିଥିବାରୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଶିବଙ୍କର ଜଣେ ସହଯୋଗୀ ଫେରାର୍ ହୋଇଯାଇଛନ୍ତି। ନମ୍ବରବିହୀନ ଏକ ବାଇକ୍, ବନ୍ଧୁକ ଓ ଗୁଳି ପୋଲିସ ଜବତ କରିଛି। ଅନ୍ୟପକ୍ଷରେ ପାଣ୍ଡିଆପଥରରେ ଶିବଙ୍କ ଗୁଳିମାଡ଼ରେ ଆହତ ବନମାଳୀ ସେଠୀ ଆସିକାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ତାଙ୍କ ପାଦରେ ଗୁଳି ବାଜିଥିଲା। ଏ ନେଇ ବନମାଳୀଙ୍କ ବାପା ଯୁଧିଷ୍ଠିର ସେଠୀ ଆସିକା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୩୯୬/୧୯) ରୁଜୁ କରିଛି । ସେହିପରି ଏନ୍‌କାଉଣ୍ଟର ପୂର୍ବରୁ ପୋଲିସ ଉପରକୁ ପ୍ରଥମେ ଗୁଳି ଚଳାଇଥିବା ନେଇ ଶିବଙ୍କ ବିରୋଧରେ ଅନ୍ୟ ଏକ ମାମଲା (ନଂ.୩୯୭/୧୯) ମାମଲା ରୁଜୁ କରାଯାଇଛି।

ଦୀପାବଳିରେ ବାଣ ଫୁଟାଇ ରାତି ପ୍ରାୟ ୧୦ଟାରେ ପାଣ୍ଡିଆପଥରର କେତେଜଣ ଯୁବକ ଗାଁ ଦାଣ୍ଡରେ ଛିଡା ହୋଇ କଥା ହେଉଥିଲେ। ଏହି ସମୟରେ ଶିବ ସେଠାକୁ ଆସି କୌଣସି ଏକ କଥାକୁ ନେଇ ସେମାନଙ୍କ ସହ ବଚସା କରିଥିଲେ। ପରେ ସେ ଉତ୍ତ୍ୟକ୍ତ ହୋଇ ଗୁଳିମାଡ଼ କରିଥିଲେ। ଏଥିରେ ବନମାଳୀ ଆହତ ହୋଇଥିଲେ । ଗୁଳିକାଣ୍ଡ ଘଟାଇ ଜଣେ ସହଯୋଗୀଙ୍କ ସହ ଶିବ ବାଇକ୍‌ରେ ପଳାଇଥିଲେ। ଖବରପାଇ ପୋଲିସ ଗ୍ରାମରେ ପହଞ୍ଚିଥିଲା। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଅନ୍ୟ ପୋଲିସ କର୍ମଚାରୀମାନେ ଅଭିଯୁକ୍ତଙ୍କ ପିଛା କରିଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରେ ଚାରିମାଇଲି ନିକଟରେ ଶିବଙ୍କୁ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲା। ଶିବ ପ୍ରଥମେ ଗୁଳି ଚଳାଇଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ତାଙ୍କ ଗୋଡରେ ବାଜିଥିଲା। ପରେ ତାଙ୍କୁ କାବୁ କରାଯାଇଥିବା ବେଳେ ସହଯୋଗୀ ଜଣକ ବାଇକ୍ ଛାଡି ଖସି ପଳାଇଥିଲେ। ଶିବଙ୍କ ସହ ଗୁଳି ବିନିମୟ ବେଳେ ସବ୍‌ଇନ୍ସପେକ୍ଟର ବିଶ୍ୱଜିତ ନାୟକ ଓ କନଷ୍ଟେବଳ ପ୍ରଦୀପ ସାହୁ ଆହତ ହୋଇଛନ୍ତି। ଶିବଙ୍କ ନାମରେ ଆସିକା ଓ ଧରାକୋଟ ଥାନାରେ ପୂର୍ବରୁ ୪ ମାମଲା ରହିଥିବା ଥାନା ଅଧିକାରୀ ସାହୁ ସୂଚନା ଦେଇଛନ୍ତି ।




# ୨ ଛତୁଆ ପ୍ରସ୍ତୁତି କେନ୍ଦ୍ର ବନ୍ଦ ନିର୍ଦ୍ଦେଶ

ଛତ୍ରପୁର,୨୮।୧୦(ଡି.ଏନ.ଏ)

ଗଞ୍ଜାମ ଜିଲାର ୨ଟି ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ବନ୍ଦ କରିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଜିଲା ସମାଜ ମଙ୍ଗଳ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉକ୍ତ ୨ କେନ୍ଦ୍ରକୁ ଛତୁଆ ଯୋଗାଣ ଦାୟିତ୍ୱରୁ ମଧ ଅବ୍ୟାହତି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ୨ କେନ୍ଦ୍ର ମଧରେ କୁକୁଡାଖଣ୍ଡି ବ୍ଲକ ଅଧୀନ ଜଗଦଲପୁର ଗାଁରେ ଥିବା ସଂଗ୍ରାମ ସ୍ୱଂୟ ସହାୟକ ଗୋଷ୍ଠୀ ଓ ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ଇନ୍ଦ୍ରାକ୍ଷୀର ବଜରଙ୍ଗବାଲି ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ପ୍ରସ୍ତୁତି କେନ୍ଦ୍ର ରହିଛି ।

ସୋମବାର ଉକ୍ତ ୨ ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଜିଲାପାଳ ଅଚାନକ ପରିଦର୍ଶନରେ ଯାଇଥିଲେ। ସେଠାରେ ପରିଷ୍କାର ଓ ପରିଚ୍ଛନ୍ନ ନ ଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗଞ୍ଜାମ ବ୍ଲକ ଅଧୀନ କାଇଞ୍ଚପୁରର ମା' ଘଟଗାଁ ତାରିଣୀ ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ଜିଲା ସମାଜ ମଙ୍ଗଳ ବିଭାଗର ଏକ ଟିମ୍ ଯାଇ ଯାଞ୍ଚ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭାଗୀୟ ଉପସଚିବଙ୍କ ନିର୍ଦ୍ଦେଶ ଅନୁସାରେ ଉକ୍ତ ସଂଘର ତ୍ରୁଟିପୂର୍ଣ୍ଣ କାର୍ଯ୍ୟକଳାପ ଯୋଗୁ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ତାଗିଦ୍ କରାଯାଇଛି । ପରବର୍ତ୍ତୀ ସମୟରେ ଏହାର ପୁନରାବୃତ୍ତି କଲେ ଏହାକୁ ବାତିଲ କରାଯିବ ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଉକ୍ତ ଛତୁଆ ପ୍ରସ୍ତୁତି କେନ୍ଦ୍ରର କାର୍ଯ୍ୟରେ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା । ସୂଚନାଯୋଗ୍ୟ ପ୍ରତି ବ୍ଲକରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ଛତୁଆ ବଣ୍ଟନ ପାଇଁ ମହିଳା ସଂଘଗୁଡିକୁ ବ୍ଲକ ପ୍ରଶାସନ ପକ୍ଷରୁ ଦାୟିତ୍ୱ ଦିଆଯାଇଛି ।

# ଗଳାକାଟି ହତ୍ୟା ଘଟଣା: ବଡ଼ବାପା ପୁଅ ଭାଇ ଗିରଫ

ବୁଗୁଡ଼ା,୨୮।୧୦(ଡି.ଏନ.ଏ.)

ବୁଗୁଡ଼ା ସହର ଉପକଣ୍ଠ ବେତାରସିଙ୍ଗରେ ଶୁକ୍ରବାର ବିଳମ୍ବିତ ରାତିରେ ଦାଦାପୁଅ ଭାଇ ନିଲୁ ପାତ୍ର (୧୫)ଙ୍କ ଗଳା ଓ ପେଟରେ ଛୁରି ଭୁସି ବଡ଼ବାପା ପୁଅ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ସୋମବାର ପୋଲିସ ବଡ଼ବାପା ପୁଅ ଭାଇ ବିନୋଦ ପାତ୍ର(୨୪)ଙ୍କୁ କୋର୍ଟଚାଲାଣ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରିକୁ ମଧ ପୋଲିସ ଜବତ କରିଛି। ବିନୋଦଙ୍କ ଭାଇ ଟୁନାଙ୍କ ଅଭିଯୋଗ କ୍ରମେ ସ୍ଥାନୀୟ ପୋଲିସ ନଂ. ୨୩୫/୧୯ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା ।
ପ୍ରକାଶ ଯେ, ବୁଗୁଡ଼ା ସହର ମାଳିଝୋଲା ମନ୍ଦିର ନିକଟରେ ବିନୋଦଙ୍କ ବାପା ରାମ ପାତ୍ର ତାଙ୍କ ଭାଇ କାହ୍ନୁଙ୍କ ପୁଅ ନିଲୁଙ୍କୁ ଆଣି ରଖିଥିଲେ। ନିଲୁ ଉକ୍ତ ପରିବାରରେ ଘୁଷୁରି ଚରାଇ ତାଙ୍କ ବଡ଼ବାପାଙ୍କୁ ସହଯୋଗ କରୁଥିଲେ। ଏଥିପାଇଁ ବିନୋଦଙ୍କ ବାପା ମା' ନିଲୁଙ୍କୁ ବହୁତ ଭଲ ପାଉଥିଲେ। କିନ୍ତୁ ବିନୋଦ ନିଲୁଙ୍କ ପ୍ରତି ଈର୍ଷା କରୁଥିଲେ। ଗତ ଶୁକ୍ରବାର ରାତିରେ ବିନୋଦ ରାଗିଯାଇ ନିଲୁଙ୍କୁ ଛୁରିରେ ଭୁସିବା ସହ ଗଳାକାଟି ହତ୍ୟା କରିଥିଲେ। ପରେ ମୃତଦେହକୁ ମନ୍ଦିର ପଛପଟ ଏକ ବୁଦାରେ ଫିଙ୍ଗି ଦେଇ ଛୁରିକୁ ଲୁଚାଇ ରଖିଥିଲେ। ଶନିବାର ଆଇଆଇସି ସିତାଂଶୁ ଶେଖର ମାନ୍ଧାତା ସଦଳବଳ ପହଞ୍ଚି ମୃତଦେହକୁ ଜବତ କରିବା ସହ ବିନୋଦଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ବିନୋଦ ନିଲୁଙ୍କୁ ଛୁରିରେ ହତ୍ୟା କରିଥିବା ବିଷୟ ଥାନାଧିକାରୀଙ୍କ ଆଗରେ ସ୍ୱୀକାର କରିଥିଲେ।

## ପୋଲସରାରେ ସିରିଜ୍ ବୋମାମାଡ଼ ଘଟଣା
# ସିସିଟିଭିକୁ ଆଧାରକରି ତଦନ୍ତ ଆରମ୍ଭ


ପୋଲିସ ତଦନ୍ତ ଚଳାଇଛି।

ହାତୀଓଟ,୨୮।୧୦

ପୋଲସରା ଏନ୍‌ଏସିରେ ଗତ ଶନିବାର ରାତିରେ ସିରିଜ୍ ବୋମା ମାଡ ହୋଇଥିଲା। ଏଥିରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଅନିଲ୍ କୁମାର ମଲ୍ଲିକ ଓ ଶଙ୍କର ବେହେରା। ସୋମବାର ପୋଲସରା ଥାନାକୁ ପୁରୁଷୋତ୍ତମପୁର ଏସ୍‌ଡିପିଓ ନିମାଇଁ ଚରଣ ସେଠୀ ଆସି ସିସିଟିଭିକୁ ଆଧାର କରି କିଛି ବ୍ୟକ୍ତିଙ୍କୁ ସନ୍ଦେହରେ ଥାନାକୁ ଆଣି ପଚାରାଉଚୁରା କରୁଛନ୍ତି। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି।

ପ୍ରକାଶ ଯେ, ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ବଜାର ସାହି ଛକ ବିଦେଶୀ ମଦ ଦୋକାନ ସାମ୍ନାରେ ଦୁଇଟି ବୋମା ପକାଇବା ସହ ଅନ୍ୟ ତିନି ସ୍ଥାନରେ ତିନିଟି ବୋମା ପକାଇ ଚାଲିଯାଇଥିଲେ। ଫଳରେ ମଦ ଦୋକାନ ପାଖରେ ଛିଡ଼ା ହୋଇଥିବା ଅନିଲଙ୍କ ଡାହାଣ ଆଖି ନଷ୍ଟ ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି ଏବଂ ଶଙ୍କରଙ୍କ ଗୋଡ଼ରେ ଆଘାତ ଲାଗିବାରୁ ସେ ଘରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ଗଞ୍ଜାମ ଏସ୍‌ପି ବ୍ରିଜେସ ରାଏ ଓ ଏସ୍‌ଡିପିଓ ସେଠୀ ପହଞ୍ଚି ପୋଲସରା ଥାନାଧିକାରୀଙ୍କ ସହ ଆଲୋଚନା କରି ଫେରିଯାଇଥିଲେ।

# ଡାକ୍ତରଖାନାରେ ଅବ୍ୟବସ୍ଥା ପ୍ରତିବାଦରେ ଘଣ୍ଟଯାତ୍ରା

ଆସିକା,୨୮।୧୦(ଡି.ଏନ୍.ଏ.):

ଆସିକା ସରକାରୀ ଡାକ୍ତରଖାନାରେ ଲାଗି ରହିଥିବା ଅବ୍ୟବସ୍ଥା ପ୍ରତିବାଦରେ ସୋମବାର ବ୍ରହ୍ମପୁରସ୍ଥିତ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଆସିକା ସହରରେ ଘଣ୍ଟ ଯାତ୍ରା କରାଯାଇଛି। ଏଥିସହ ଡାକ୍ତରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଚିକିତ୍ସାଧିକାରୀଙ୍କ ଜରିଆରେ ୮ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଅନୁଯାୟୀ ଆସିକାରେ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ଏବଂ ଭିତ୍ତିଭୂମି ବିକାଶ, ରକ୍ତ ଭଣ୍ଡାରକୁ ପୁନଃସକ୍ରିୟ କରିବା, ଡିଜିଟାଲ ଏକ୍ସ-ରେ, ଅଲଟ୍ରାସାଉଣ୍ଡ, ମହାପ୍ରୟାଣ ଗାଡି, ନିରାମୟ କେନ୍ଦ୍ରରେ ସମସ୍ତ ଔଷଧ ମହଜୁଦ ରଖିବା ଓ ୨୪ ଘଣ୍ଟା ଖୋଲାଯିବା ବ୍ୟବସ୍ଥା କରିବା, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ ଖୋଲିବା ଏବଂ ଆସିକାରେ ନଗର ଚିକିତ୍ସାଳୟ ସ୍ଥାପନ ନିମନ୍ତେ ଦାବି ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଯେ, ଆସିକା ଡାକ୍ତରଖାନାକୁ ସରକାର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପ୍ରଦାନ କରାଯାଇଥିବା ନେଇ ଦୀର୍ଘ ୨୦ ମାସ ପରେ ଫଳକ ଲାଗିଛି। ହେଲେ ଭିତ୍ତିଭୂମିର କୌଣସି ପରିବର୍ତ୍ତନ ହୋଇନାହିଁ। ଡାକ୍ତର ଓ କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟ ସେବାରେ ଅବ୍ୟବସ୍ଥା ଦେଖାଦେଇଛି । ମାନବ ଅଧିକାର ସୁରକ୍ଷା ମଞ୍ଚର ସଂଯୋଜକ ଅବନୀ କୁମାର ଗୟାଙ୍କ ନେତୃତ୍ୱରେ ପ୍ରତିବାଦ ସଭାରେ ସିପିଆଇ(ଏମ-ଏଲ) ରେଡଷ୍ଟାର ନେତା ଶଙ୍କର ସାହୁ, ନିର୍ମାଣ ଶ୍ରମିକ ସଂଘର ସଭାପତି ରାମଚନ୍ଦ୍ର ବାଡତ୍ୟା, ମନୋଜ କୁମାର ତରାଇ, ଗୌରୀଶଙ୍କର ମହାନ୍ତି, ମାଗୁଣି ନାହାକଙ୍କ ସମେତ ବହୁ ସଦସ୍ୟ ସାମିଲ ଥିଲେ ।

### ବାଇକ୍ ଦୁର୍ଘଟଣା, ୪ ଆହତ

ପାଟପୁର, ୨୮।୧୦ (ଡି.ଏନ.ଏ.)- ସାନଖେମୁଣ୍ଡି ବ୍ଲକ ପୋଡାମାରୀ-ଡେଙ୍ଗାଓସ୍ତା ଭାୟା ଦିଗପହଣ୍ଡି ମୁଖ୍ୟ ରାସ୍ତା କଂସାମାରୀ ଗ୍ରାମ ନିକଟରେ ରବିବାର ଅପରାହ୍ନରେ ୩ ବାଇକ୍ ମୁହାଁମୁହିଁ ହେବାରୁ ୪ ଜଣ ଆହାତ ହୋଇଛନ୍ତି। ସେମାନେ ହେଲେ ପୋଡାମାରୀର ଅନ୍ତର୍ଯ୍ୟାମୀ ସାହୁ, ସୀମାଞ୍ଚଳ ବେହେରା, ବୁଲୁ ବାଡତ୍ୟା, ରବୀନ୍ଦ୍ର ବାଡତ୍ୟା। ୩ ବାଇକ୍ ବିପରୀତ ପଟୁ ଦ୍ରୁତ ଗତିରେ ଆସୁଥିବାବେଳେ ଧକ୍କା ହୋଇଥିଲା। ସାନଖେମୁଣ୍ଡି ଦମକଳ ବାହିନୀ ଓ ପାଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲା।

## ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ଧାରଣା
# ବିଇଓ କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

### ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି


ଗ୍ରାମବାସୀଙ୍କ ଧାରଣା।

ଗଞ୍ଜାମ,୨୮।୧୦(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ସାନରାମଚନ୍ଦ୍ରପୁର ପଞ୍ଚାୟତ ମଧୁରଚୁଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ-ଶିକ୍ଷୟିତ୍ରୀ ଭାଗ୍ୟବତୀ ବେହେରାଙ୍କୁ ବଦଳି ନ କରିବାକୁ ଗ୍ରାମବାସୀ ସୋମବାର ବିଇଓ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ଏଥିସହ ଉକ୍ତ ସ୍କୁଲ ପ୍ରଧାନ ଶିକ୍ଷକ ତଥା ଗଞ୍ଜାମ ବ୍ଲକ ଏବିଇଓଙ୍କ ବଦଳି ପାଇଁ ଗ୍ରାମର ଶତାଧିକ ମହିଳା ପୁରୁଷ ବିଇଓ ଅଫିସ ଆଗରେ ହୋହାଲ୍ଲା କରିଥିଲେ।
ଖବର ପାଇ ଗଞ୍ଜାମ ତହସିଲଦାର ଅବନୀ କୁମାର ସାହୁ, ଥାନାଧିକାରୀ ଦିଲୀପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଇବାକୁ ସମସ୍ତ ପ୍ରକାର ଉଦ୍ୟମ କରି ବିଫଳ ହୋଇଥିଲେ। ଫଳରେ ସେଠାରେ ଉତ୍ତେଜନା ଲାଗି ରହିଥିଲା। ପରେ ଥାନାଧିକାରୀ ପ୍ରଧାନ ଶିକ୍ଷକ ବିଜୟ ଚନ୍ଦ୍ର ବେହେରାଙ୍କୁ ଅଫିସକୁ ଡ଼ାକି ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ପଚାରିଥିଲେ। କିନ୍ତୁ ସେ ଏହାକୁ ଖଣ୍ଡନ କରିଛନ୍ତି। ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ଉକ୍ତ ସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ବେହେରା ରହିଛନ୍ତି। ସେ ହିଁ ସହ-ଶିକ୍ଷୟିତ୍ରୀଙ୍କୁ ବଦଳି କରିଛନ୍ତି ବୋଲି ଗ୍ରାମବାସୀ ଦାବି କରି ତାଙ୍କୁ ତୁରନ୍ତ ବଦଳି ଏବଂ ଶିକ୍ଷୟିତ୍ରୀଙ୍କୁ ପୁନଃ ସ୍କୁଲରେ ଅବସ୍ଥାପିତ କରିବା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା କୌଣସି ସମାଧାନ ହୋଇପାରି ନ ଥିଲା। ପରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ମଧ ବିଇଓ କାର୍ଯ୍ୟାଳୟକୁ ଆସି ଆଲୋଚନା କରିଥିଲେ। ଏ ନେଇ ସରପଞ୍ଚ ପ୍ରତିନିଧି ଭଗବାନ ନାହାକ, ବ୍ଲକ ଅଧ୍ୟକ୍ଷ ନାୟକ ପ୍ରମୁଖ ତହସିଲଦାରଙ୍କ ସହ ଆଲୋଚନା କରି ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଡିଇଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ପରେ ଡିଇଓ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ। ଏ ଦିଗରେ ପଦକ୍ଷେପ ନ ନେଲେ ମଧୁରଚୁଆ ଗ୍ରାମବାସୀ ପୁଣି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ